


ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ପ୍ରଦତ୍ତ 'ସାହିତ୍ୟ ଭାରତୀ ସମ୍ମାନ' ବିଶିଷ୍ଟ କଥାକାର ଶ୍ରୀ ମନୋଜ ଦାସଙ୍କୁ ପ୍ରଦାନ କରୁଛନ୍ତି

(ଫଟୋ : ଦାସ୍ ଏନ୍ ଦାସ୍)

# ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ଦ୍ୱାରା ହିଁ ଜାତି ଉନ୍ନତ ହେବ

## ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ଶ୍ରୀ ମନୋଜ ଦାସଙ୍କୁ ''ସାହିତ୍ୟ-ଭାରତୀ'' ସମ୍ମାନ

କଟକ, ୮।୧- (ନି.ପ୍ର.) ନିଜର ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ଦ୍ୱାରା ହିଁ ଜାତି ସମୃଦ୍ଧ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ଅଭିବୃଦ୍ଧି ତଥା ଏହାକୁ ଉପଯୁକ୍ତ ମର୍ଯ୍ୟାଦା ଦେବା ପ୍ରତ୍ୟେକ ଓଡ଼ିଆଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏ କ୍ଷେତ୍ରରେ ବିଶିଷ୍ଟ ସାଧକ-ସାହିତ୍ୟିକ ମନୋଜ ଦାସ ଅନ୍ୟମାନଙ୍କ ଲାଗି ପ୍ରେରଣାର ଉତ୍ସ ବୋଲି କହିଥିଲେ ।

ଗତକାଲି ସନ୍ଧ୍ୟାରେ ସ୍ଥାନୀୟ କଳାବିକାଶ କେନ୍ଦ୍ରଠାରେ 'ଗଙ୍ଗାଧର ରଥ ଫାଉଣ୍ଡେସନ' ପକ୍ଷରୁ ଆୟୋଜିତ 'ସାହିତ୍ୟ ଭାରତୀ ସମ୍ମାନ' ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏ ବର୍ଷର 'ସାହିତ୍ୟ ଭାରତୀ ସମ୍ମାନ' ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଥିବା ବାଗ୍ମୀ, ସାହିତ୍ୟିକ ଶ୍ରୀ ମନୋଜ ଦାସଙ୍କୁ ପ୍ରଦାନ କରି ଓଡ଼ିଆ ସାହିତ୍ୟକୁ ଆନ୍ତର୍ଜାତିକ ପ୍ରତିଷ୍ଠା ଆଣିବାରେ ଶ୍ରୀ ଦାସଙ୍କ ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ ।

ଭାଷା, ସାହିତ୍ୟର ଉତ୍କର୍ଷ ଲାଗି ଜାତି ଗର୍ବ କରେ, ସୁତରାଂ ଆମ ଭାଷାର ଉନ୍ନତି ଦିଗରେ ପ୍ରତ୍ୟେକ ଉଦ୍ୟମ କରିବା ଆବଶ୍ୟକ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ, କବି, ସାହିତ୍ୟିକଙ୍କୁ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇପାରେନା । ନିଜର ସାରସ୍ୱତ କୃତୀ ଲାଗି ସେମାନେ ଜନମାନସରେ ସ୍ମରଣୀୟ ହୋଇ ରହିବା ତାଙ୍କ ଲାଗି ସବୁଠାରୁ ବଡ଼ ପୁରସ୍କାର । ମନୋଜବାବୁ ଏକାଧାରରେ ଜଣେ ସୁବକ୍ତା, ସାହିତ୍ୟ ସାଧକ କବି, ଗାନ୍ଧିକ ଶ୍ରୀ ଅରବିନ୍ଦଙ୍କ ଜୀବନାଦର୍ଶନରେ ଅନୁପ୍ରାଣୀତ ହୋଇ ସାହିତ୍ୟ କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା କରି ସେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । 'ହେରି ଟେଜ' ପତ୍ରିକା ପ୍ରକାଶନ କରିଆରେ ମନୋଜ ବାବୁ ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ନିଜକୁ ପରିଚିତ ଓ ପ୍ରତିଷ୍ଠିତ କରାଇପାରିଛନ୍ତି । ତାଙ୍କର ଏଭଳି କୃତୀ ଲାଗି ଓଡ଼ିଆ ଜାତି ଆଜି ଗର୍ବ ଅନୁଭବ କରେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ଲାଗି ଉଦ୍ୟମ ହେଉଥିଲେ ହେଁ, ଏହାକୁ କାର୍ଯ୍ୟକାରୀ କରିବା ଦିଗରେ କେତେକ ବାଧା ସୃଷ୍ଟି କରିବା ଅତ୍ୟନ୍ତ କ୍ଷୋଭର ବିଷୟ । ତେବେ ସମସ୍ତ ବାଧା ବନ୍ଧନ ସତ୍ତ୍ୱେ ମଧ୍ୟ ଓଡ଼ିଆ ଭାଷାର ଅଭିବୃଦ୍ଧି ଲାଗି ପ୍ରତ୍ୟେକ ଓଡ଼ିଆ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ ।

ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଚନ୍ଦ୍ରଶେଖର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସମାରୋହ ପ୍ରାରମ୍ଭରେ ଫାଉଣ୍ଡେସନର ପ୍ରତିଷ୍ଠାତା ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ ଆଡ଼ଭୋକେଟ ଜେନେରାଲ ଶ୍ରୀ ଗଙ୍ଗାଧର ରଥ ପୁରସ୍କାର ପ୍ରଦାନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କଠାରୁ ମାନପତ୍ର, ଉପାୟନ ତଥା ପୁରସ୍କାର ସ୍ୱରୂପ ନଗଦ ୫୦ ହଜାର ଟଙ୍କା ଗ୍ରହଣ କରିବା ପରେ ଶ୍ରୀ ମନୋଜ ଦାସ ସମ୍ବର୍ଦ୍ଧନାର ଉତ୍ତରରେ କହିଲେ ଯେ, ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ସଙ୍ଗେ ସଙ୍ଗେ ହିତ ସାଧନ କରିବା ଭଳି କିଛି ଲେଖି ପାରିଲେ ସାହିତ୍ୟିକ ନିଜର ସାଧନା ସାର୍ଥକ ହୋଇଛି ବୋଲି ମନେ କରିଥାଏ । ଏ କ୍ଷେତ୍ରରେ ସେ କେତେଦୂର ସଫଳକାମ ହୋଇଛନ୍ତି, ତାହା ବିଶାଳ ପାଠକ ଗୋଷ୍ଠୀ ବିଚାର କରିବେ ବୋଲି ସେ କହିଥିଲେ ।

ଅଧ୍ୟାପିକା ଡକ୍ଟର ଅର୍ଚ୍ଚନା ନାୟକ ମନୋଜ ବାବୁଙ୍କ ସୃଷ୍ଟି ଓ କୃଷ୍ଟି ଉପରେ ବିଭିନ୍ନ ଦିଗରୁ ଆଲୋଚନା କରି ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତର ଜଣେ ପ୍ରମୁଖ ବିଦ୍ଧାଣୀ ଭାବେ ବର୍ଣ୍ଣନା କରିଥିଲେ ।

ଉତ୍ସବରେ ଅଧ୍ୟକ୍ଷତା କରି ଅଧ୍ୟାପକ ଚନ୍ଦ୍ରଶେଖର ରଥ ମନୋଜବାବୁଙ୍କ ସାଧନା ଓ ସୃଷ୍ଟି ଉପରେ ଆଲୋଚନା କରି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଥିବା ଅଶୁଦ୍ଧତା ଦୂର କରିବା ଦିଗରେ ରାଜ୍ୟ ସରକାର

(୮ମ ପୃଷ୍ଠା ଦେଖନ୍ତୁ)